RNI No.ODIODI/2010/33031
୮ମ ବର୍ଷ Volume- 08
ସଂଖ୍ୟା- ୩୨୨ Issue- 322
ଭୁବନେଶ୍ୱର, ଗୁରୁବାର ୨୨ ଫେବୃଆରୀ ୨୦୧୮
Bhubaneswar, Thursday, 22 February 2018
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

Coaching for
C.T., B.Ed. Entrance Exam
Coaching for OTET & OSSTET
Batch Starts from : 01.02.18 / Demo Class : 27.01.18 to 31.01.18
B.Ed (2018-2020) BATCH ADMISSION GOING ON
GANESH
Coaching of Education (GCE)
AZIMABAD, BALESWAR, Mob. : 09439265083
e-mail : giitbls@gmail.com, Website : giiteducation.in

କଡ଼ା ସୁରକ୍ଷା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ବିଜେଡ଼ିକୁ ଦିଆଯାଉ ସୁଯୋଗ

ବିଜେପୁର,୨୧।୨(ନି.ପ୍ର.): ବିଜେପୁରରେ ଜମୁଛି ପ୍ରଚାର। ପ୍ରଚାର ଶେଷ ପାଇଁ ୩୬ ଘଂଟାରୁ କମ ସମୟ ରହିଛି। ଆଜି ଲଗାତାର ଦ୍ୱିତୀୟ ଦିନ ପାଇଁ ବିଜେଡି ପାଇଁ ପ୍ରଚାର କରୁଛନ୍ତି ନବୀନ ପଟ୍ଟନାୟକ । ଗାଇସିଲଟରେ ନିର୍ବାଚନୀ ସଭା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେପୁର ବିକାଶ ପାଇଁ ବିଜେଡିକୁ ସୁଯୋଗ ଦିଆଯାଉ ବୋଲି ନବୀନ କହିଛନ୍ତି । ଗାଇସିଲଟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହା ପରେ ବିଜେପୁରରେ ପ୍ରଚାର କରିଛନ୍ତି ନବୀନ ।

ଗାଇସିଲେଟର କଲଙ୍ଗପାଲି ଠାରେ ବିଜେଡି ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅଂଚଳର ଜନପ୍ରିୟ ନେତା ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କ ପ୍ରତି ତାଙ୍କର ସମର୍ଥନ ରହିଛିଯ ସ୍ୱାମୀଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ସେ ବ୍ୟଗ୍ରତା ପ୍ରକାଶ କରିବାରୁ ତାଙ୍କୁ ଦଳୀୟ ଟିକେଟ୍ ଦିଆଯାଇଛି । ରୀତା ସାହୁଙ୍କ ସମେତ ସେ ନିଜେ ମଧ୍ୟ ବିଜେପୁରର ବିକାଶ କାର୍ଯ୍ୟ ଦେଖିବେ । ସୁବଳ ବାବୁ ଯେତେବେଳେ ମତେ ଭେଟୁଥିଲେ ବିଜେପୁରର ବିକାଶ କଥା ବିଶେଷ କରି ଚାଷୀ ଓ ବୁଣାକାର ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିଲେ। ଚାଷୀ ମାନଙ୍କର ଉତ୍ପାଦନ ବୃଦ୍ଧି ପାଇଁ ମେଗା ଲିଫଟ୍ ଜଳସେଚନ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ବୁଣାକରଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି । ଏପରିକି ଜିଏସଟିରୁ ହସ୍ତତନ୍ତକୁ ବାଦ୍ ଦେବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି । କୋଶଳୀ ଭାଷାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରି ମାନ୍ୟତା ଦେବା ପାଇଁ ଦାବି କରି ଆସୁଛୁ ବୋଲି ସେ କହିଥିଲେ । ସେହିପରି ମହାନଦୀ ପାଇଁ ଲଢେଇ ଜାରି ରହିବ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାରୁ କେନ୍ଦ୍ର ଟ୍ରିବ୍ୟୁନାଲ୍ ଗଠନ କଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ସଭାରେ ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଅନଙ୍ଗ ଉଦୟ ସିଂହଦେଓ , ବିଜେଡି ପ୍ରାର୍ଥୀନୀ ରୀତା ସାହୁ ଓ ବହୁ ବରିଷ୍ଠ ବିଜେଡି ନେତା ପ୍ରମୁଖ ଉପସ୍ଥିତ ଥିଲେ।

ତେବେ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଆକ୍ରମଣ ଉଦ୍ୟମ ଘଟଣା ପରେ ରାଜନୀତି ସରଗରମ ହୋଇଛି। ବରଗଡ ଡିଏସପି କହିଛନ୍ତି, ତାଙ୍କ ନାଁ କାର୍ତ୍ତିକ ମେହେର ଓ ସେ ବୁଢାପାଲି, ପଦ୍ମପୁର ଅଂଚଳର । ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁମ୍ଭାରୀରେ ଉଦବୋଧନ ଦେଉଥିବା ବେଳେ ସଭା ଭିତରୁ ଜଣେ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଜୋତା ଫୋପାଡିଥିଲେ । ଏପରିକି ଦୁଇ ଦୁଇଥର ଜୋତା ଫୋପାଡିଥିଲେ ଯୁବକ ଜଣକ । ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ତାକୁ ଅଟକାଇଥିଲେ । ଏଥିସହ ଆକ୍ରମଣକାରୀ ଯୁବକଙ୍କୁ କାବୁ କରିନେଇଥିଲେ ସୁରକ୍ଷାକର୍ମୀ।

ସେପଟେ ଏହି ଘଟଣାକୁ ନେଇ କଡା କଡା ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ । ସେ କହିଛନ୍ତି ଜନମତ ବିଭ୍ରାନ୍ତ କରିବାକୁ ଏହା ଏକ ଚାଲ୍ । ସଂପୃକ୍ତ ଯୁବକ ମାନସିକ ବିକୃତ ବୋଲି ଜଣାପଡିଛି । ପୂର୍ବରୁ ସେ ଥରେ କଳାପତାକା ଦେଖାଇଥିଲା। ପୋଲିସ ଏସବୁ ଜାଣିଥିଲା, ତେଣୁ ଗିରଫ କରି ରଖିବା କଥା । କିନ୍ତୁ ପୋଲିସ ତାହା ନକରି ଏବେ ଆଉ ଏକ ଚାଲ କରୁଛି । ତେବେ ଏହି ଘୃଣ୍ୟ କାମରେ ବିଜେଡି ସଫଳ ହେବନାହିଁ ବୋଲି କହିଛନ୍ତି ଜୁଏଲ ଓରାମ ।

ଭାଙ୍ଗିଗଲା ମଞ୍ଚ

ଅଳ୍ପକେ ବର୍ତ୍ତିଲେ ରାମକ୍ରିପାଲ ଯାଦବ

ଗାଇସିଲଟ,୨୧।୨(ନି.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ସଭା ମଞ୍ଚକୁ ଚପଲ ଫିଙ୍ଗା ଭଳି ନିନ୍ଦନୀୟ ଘଟଣାର ୧୨ ଘଣ୍ଟା ନ ପୁରୁଣୁ ବିଜେପି ସଭାମଞ୍ଚ ଭାଙ୍ଗିଯିବା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ମଞ୍ଚରୁ ପଡିଗଲେ କେନ୍ଦ୍ରମନ୍ତ୍ରୀ ରାମକ୍ରିପାଲ ଯାଦବ। ଗାଇସିଲଟ ବ୍ଲକର ଜଗଲାପାଟ ଗ୍ରାମରେ ନିର୍ବାଚନୀ ସଭାରେ ବିଜେପି କର୍ମୀଙ୍କ ଠାରୁ ଅଭିବାଦନ ଗ୍ରହଣ କରୁଥିବା ବେଳେ ସଭାମଞ୍ଚ ଭାଙ୍ଗିଯାଇଥିଲା । ଫଳରେ ମଞ୍ଚରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ପଡିଯାଇଥିଲେ । ତେବେ ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ରାମକ୍ରିପାଲ ।ଏହି ଦୁର୍ଘଟଣା ସମୟରେ ମଞ୍ଚ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ରାମକ୍ରିପାଲଙ୍କ ସହ ବିଜେପିର ଅନ୍ୟ ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଆଜି ବିଜେପୁରରେ ଅଶୋକ ପାଣିଗ୍ରାହୀଙ୍କ ପାଇଁ କେନ୍ଦ୍ର ଗ୍ରାମୀଣ ବିକାଶ ଓ କୃଷି ରାଷ୍ଟ୍ରମନ୍ତ୍ରୀ ପ୍ରଚାର ମୈଦାନକୁ ଓହ୍ଲାଇଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି । ତେବେ ମଞ୍ଚ ଦବିଯିବା ପରେ ସଙ୍ଗେ ସଙ୍ଗେ ଏହାର ମରାମତି କରାଯାଇ ପୁର୍ନବାର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।। ତେବେ ଏହା ପୂର୍ବରୁ ଗାଇସିଲଟର ଅନ୍ୟ ଏକ ଅଞ୍ଚଳରେ ନିର୍ବାଚନୀ ସଭାରେ ଯୋଗ ଦେଇ ନବୀନ ସରକାରଙ୍କ ଉପରେ ବର୍ଷିଥିଲେ ରାମକ୍ରିପାଲ ଏହାସହ ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରକୁ ହୋଇଥିବା ଚପଲ ମାଡ ଘଟଣାକୁ ମଧ୍ୟ ନିନ୍ଦା କରିଛନ୍ତି ରାମକ୍ରିପାଲ ।

ମୁଣ୍ଡ ନେଲେ ମାଓବାଦୀ

ଚିତ୍ରକୋଣ୍ଡା,୨୧।୨(ନି.ପ୍ର.): ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ପୁଣି ଏକ ମୁଣ୍ଡ ଗଡ଼ାଇଛନ୍ତି ମାଓବାଦୀ। ଅଣ୍ଡାପାଲି ଓରାପଦର ଗାଁରେ ଜଣେ ବ୍ୟକ୍ତିଙ୍କ ଗଳା କାଟି ହତ୍ୟା କରିଛନ୍ତି ମାଓବାଦୀ। ଗତକାଲି ରାତିରେ ମାଓବାଦୀମାନେ ତାଙ୍କୁ ଘରୁ ଟେକିନେଇ ଗାଁ ମୁଣ୍ଡରେ ଗଳା କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ପ୍ରାୟ ୨୦ଜଣ ମାଓବାଦୀ ଆସିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ସୂଚନାଯୋଗ୍ୟ, ମାଓବାଦୀମାନେ ରବିବାର ଦିନ ସେହି ଗାଁର ଆଉ ଜଣଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଛି।

ରାଜଧାନୀର ୨୬ ସଂସ୍ଥାକୁ ଅଗ୍ନିଶମ ବିଭାଗର ନୋଟିସ୍

ଭୁବନେଶ୍ୱର,୨୧।୨(ନି.ପ୍ର.): କିଛି ମାସ ପୂର୍ବରୁ ହସ୍ପିଟାଲ ହେଉ କି ହୋଟେଲ ହେଉ କିମ୍ବା ସୋରୁମ ହେଉ ଅଗ୍ନିକାଣ୍ଡ ଘଟି ଅନେକ ଧନଜୀବନ ନଷ୍ଟ ହୋଇଥିବାବେଳେ ଅଗ୍ନିଶମ ବିଭାଗର ହୋଟେଲ , ମଲ ସହ ଜୁଏଲାରୀରେ ଯାଂଚ ଜାରି ରଖିଥିଲା । ଏହି ସମସ୍ତ ସ୍ଥାନରେ ଅଗ୍ନି ନିରାପତା ଗାଇଡଲାଇନ ଅନୁସରଣ ହେଉଛି କି ନାହିଁ ତାହା ଯାଂଚ କରିଥିଲା ବିଭାଗ । ଅଗ୍ନିଶମ ବିଭାଗ ଯାଂଚ କରିବା ପରେ ଆଜି ରାଜଧାନୀର ପ୍ରାୟ ୨୬ଟି ହୋଟେଲ , ସପିଂ ମଲ ଓ ଜୁଏଲାରୀକୁ ନୋଟିସ ଜାରି କରିଛି । ଯାଂଚ ବେଳେ ଏହି ସମସ୍ତ ସ୍ଥାନରେ ଅଗ୍ନି ନିରାପତା ଅବ୍ୟବସ୍ଥିତ ରହିଥିବା ଦେଖିବା ପରେ ଏହାକୁ ୨ ମାସ ମଧ୍ୟରେ ଠିକ କରିବାକୁ ଆଜି ନୋଟିସ ଜାରି କରାଯାଇଛି ।

ଡାହୁକ



କେତେ ହୋଇଥିଲି କାକୁତି ମିନତି
ଲେଖିଥିଲି ଲମ୍ବା ଚିଠି
ମନୁଆ ପରିକା ଅଣଦେଖା କରି
ମୋଦି ବି ମାଇଲେ ପଟି
ବଜେଟ୍‌ରେ ମୋଟା ବଟି
ଯେତେ ଆଶା କଲେ କିଅଣ ହୋଇବି
ଯାଉଚି ଫସର ଫାଟି।

-ବିଧୁ

ଅଧ୍ୟାପକଙ୍କୁ ଆକ୍ରମଣ

କଳୁଷିତ ହେଉଛି ଗୁରୁ-ଶିଷ୍ୟ ସଂପର୍କ

କୋଣାର୍କ,୨୧।୨(ନି.ପ୍ର.): ଖରାପ ହେଉଛି ଗୁରୁ-ଶିଷ୍ୟ ସଂପର୍କ। ବିଭିନ୍ନ ସମୟରେ ଏପରି ଅଭିଯୋଗମାନ ଆସୁଛି। ଏପରିଏକ ଘଟଣା ଘଟିଛି ପୁରୀ ଜିଲ୍ଲା କୋଣାର୍କ ନୟାହାଟ ଜୁନିଅର କଲେଜରେ। ଜଣେ ଛାତ୍ର ଉତକ୍ଷିପ୍ତ ହୋଇ କଲେଜର ଜଣେ ଅଧ୍ୟାପକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅଧ୍ୟାପକଙ୍କ ହାତରେ ଗଭୀର କ୍ଷତ ଲାଗିଛି। ଏ ନେଇ ଅଧ୍ୟାପକ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ଅନୁଧ୍ୟାନ କରୁଛି।

ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଛାତ୍ର ଜଣକ ନିଆଳି ଅଞ୍ଚଳରୁ ପଢିବାକୁ ଆସିଥିଲେ। ଗତକାଲି ଛାତ୍ର ଜଣକ କଲେଜ ୟୁନିଫର୍ମରେ ଆସିନଥିଲେ। ତେଣୁ ଇଂରାଜୀ ଅଧ୍ୟାପକ ରତିକାନ୍ତ ଦାସ ଛାତ୍ରଙ୍କ ତାଗିଦ୍ କରିବା ସହ କଲେଜର ନିୟମ ପାଳନ କରିବା ପାଇଁ କହିଥିଲେ। ଆଜି ଅଧ୍ୟାପକ ଶ୍ରୀ ଦାସ କଲେଜରୁ ଘରକୁ ଯିବାକୁ ବାହାରୁଥିବାବେଳେ ଉକ୍ତ ଛାତ୍ର ଜଣକ ଏକ ଛୁରୀରେ ହଠାତ୍ ଆକ୍ରମଣ କରିଥିଲା। ଶ୍ରୀ ଦାସଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା। ଅଧ୍ୟାପକଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। କଲେଜ ପ୍ରିନ୍ସିପାଲ୍ ଦ୍ୱାରା ଏକ ଏତାଲା ଦିଆଯାଇଛି। ପୋଲିସ ଏତାଲାକୁ ଗ୍ରହଣ କରିବା ସହ କଲେଜ କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ଉପରେ କଡ଼ା ନଜର ରଖିଛି।

କୁମ୍ଭୀର ମୁହଁରୁ ଦାଦାଙ୍କୁ ବଞ୍ଚାଇଲା ପୁତୁରା

ରାଜନଗର,୨୧।୨(ନି.ପ୍ର.): କୁମ୍ଭୀର ପାଟିରୁ ଅଳ୍ପକେ ବର୍ତ୍ତିଲା ଜୀବନ ଔଷଧ ଦୋକାନ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ। ୫ ଲକ୍ଷ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ । ଦାଦାଙ୍କୁ ବଂଚାଇ ଦେଲେ ନାବାଳକ ପୁତୁରାଦ । ମଣିଷ ଖିଆ। କୁମ୍ଭୀର ମୁହଁରୁ ବଡବଡ ଲୋକ ବି ବର୍ତ୍ତିବା ମୁସ୍କିଲ । ହେଲେ ୧୨ ବର୍ଷ ବାଳକ ଦାଦାଙ୍କୁ କୁମ୍ଭୀର ମୁହଁରୁ ଉଦ୍ଧାର କରିଛି । ଅଭୁତ ସାହସ ଦେଖାଇ ୨୦ ଫୁଟିଆ। କୁମ୍ଭୀର କବଳରୁ ନିଜ ଦାଦାଙ୍କୁ ବଂଚାଇଛି । ମାତ୍ର ୧୨ ବର୍ଷ ବାଳକର ସାହସ ଯୋଗୁଁ କୁମ୍ଭୀର ମୁହଁରୁ ବଂଚି ଯାଇଛନ୍ତି ରାଜନଗର କଣ୍ଡିରା ଗାଁର ବିନୋଦ ମଲ୍ଲିକ ।ପୋଖରୀରେ ଛପି ରହିଥିଲା ବିରାଟ କୁମ୍ଭୀର । ଗତ ରାତିରେ ବିନୋଦ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ ।

୨୦ ଫୁଟ ଲମ୍ବର ଏକ ବଉଳା କୁମ୍ଭୀର ତାଙ୍କ ବାମ ହାତକୁ ଧରି ପାଣିକୁ ଟାଣି ନେଇଥିଲା । ତେବେ ବିନୋଦଙ୍କ ଚିତ୍କାର ଶୁଣି ପାଖରେ ପହଂଚି ଯାଇଥିଲେ

➤ପୃଷ୍ଠା-୨

ଚପଲ ଫିଙ୍ଗା ଘଟଣାରେ ୟୁ-ଟର୍ଣ୍ଣ

ପୋଲିସ ମାନିଲା

ନାହିଁ ପଲିଟିକାଲ ଲିଙ୍କ୍

- ବିଜେଡ଼ିର ପ୍ରତିବାଦ
- ଘୃଣ୍ୟ ରାଜନୀତି: ଜୁଏଲ
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ସାଂସଦ
- କ୍ଷମା ମାଗୁ ବିଜେଡି : ବିଜେପି

ବରଗଡ଼,୨୧।୨(ନି.ପ୍ର.): ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରକୁ ଚପଲ ଫିଙ୍ଗା ଘଟଣାରେ ହୋଇଛି ୟୁ ଟର୍ଣ୍ଣ। ଚପଲ ଫିଙ୍ଗିଥିବା କାର୍ତ୍ତିକ ମେହେର ଜଣେ ବିଜେପି କର୍ମୀ ବୋଲି କହିଥିବା ପୋଲିସ ଆଜି ନିଜର ମତ ବଦଳାଇଛି। କାର୍ତ୍ତିକ ଜଣେ ମେଣ୍ଟାଲ୍ ଯୁବକ ବୋଲି କହିଛି ଖୋଦ୍ ପୋଲିସ। ଏସବୁ ଭିତରେ ବିଜେପିକୁ ଦୋଷ ଦେଇଥିବା ବିଜେଡି ପଡିଯାଇଛି ହରଡ଼ଘଣାରେ। ବିଜେଡି ନିଃସର୍ତ୍ତ କ୍ଷମା ମାଗୁ ବୋଲି କହିଛନ୍ତି ବିଜେପି ମୁଖପାତ୍ର ସମୀର ମହାନ୍ତି।

ଗତକାଲି କୁମ୍ଭାରୀ ନିର୍ବାଚନୀ ସଭାରେ କାର୍ତ୍ତିକ ମେହେର ନାମକ ଜଣେ ଯୁବକ ଚପଲ ଫିଙ୍ଗିଥିଲେ। ଏହି ଘଟଣାକୁ ନେଇ ବିଜେଡି ବିଜେପି ଉପରେ ଦୋଷ ଲଦୁଛି। ଏପରିକି ବିଜେପି ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ଓ ଅନ୍ୟ ଦୁଇ ଜଣଙ୍କ ପ୍ରରୋଚନାରେ କାର୍ତ୍ତିକ ଏହି କାମ କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନିଜେ ଅଶୋକ ଖଣ୍ଡନ କରିଥିବା ବେଳେ ପଦ୍ମପୁର ଆଇଆଇସି ମଧ୍ୟ ଅସ୍ୱୀକାର କରିଛନ୍ତି।

ଆଇଆଇଓ ଯଶୋବନ୍ତ ପ୍ରଧାନୀ କହିଛନ୍ତି, ଅଭିଯୁକ୍ତ କାର୍ତ୍ତିକ ମେହେରର ଘର ପଦ୍ମପୁର ଥାନା ବୁଢ଼ାପାଲିରେ। ସେ ଟିକେ ଆଡ଼ବାୟା ଓ ମେଣ୍ଟାଲ ପ୍ରକୃତିର ପିଲା। ୨୦୧୪ରେ ଅଣ୍ଡା ମାଡ଼ ନେଇ ତାଙ୍କ ନାଁରେ ଅଭିଯୋଗ ଥିଲା। ସାଧାରଣ ଚାଷୀ ପରିବାର ପିଲା କାର୍ତ୍ତିକ। ତା'ର କିଛି ପଲିଟିକାଲ୍ ଲିଙ୍କ୍ ନାହିଁ। ଶୁଣାକଥାରେ ଏପରି କହିଦେଇଥିଲି। ତେବେ ଚାପରେ ପଡ଼ି ଆଇଆଇସି ନିଜର ମତ ପରିବର୍ତ୍ତନ କଲେ କି ବୋଲି ପ୍ରଶ୍ନ ଉଠିଛି। ପୋଲିସ ହୋଇ ଶୁଣାକଥାରେ ଟିପ୍ପଣୀ ଦେବା କେତେ ଯୁକ୍ତିଯୁକ୍ତ ତାହାକୁ ନେଇ ପ୍ରଶ୍ନ ଉଠିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରକୁ ଚପଲ ଫିଙ୍ଗା ଘଟଣାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଏହାକୁ ନେଇ ବିଜେଡି ବିଜେପିକୁ ଟାର୍ଗେଟ କରୁଛି। ଏପରି ସ୍ଥିତିରେ ଏହା ବିଜେଡିର ରାଜନୈତିକ ଚାଲ ବୋଲି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ଏହାସହ ସେ ପୋଲିସକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି। ଜୁଏଲ କହିଛନ୍ତି- ସଂପୃକ୍ତ ଯୁବକ ମାନସିକ ବିକୃତ ବୋଲି ଜଣାପଡ଼ିଛି। ପୂର୍ବରୁ ଥରେ ସେ ମୁଖ୍ୟମନ୍ତ୍ରୀଙ୍କୁ କଳା ପତାକା ଦେଖାଇଥିଲେ। ଏକଥା ପୋଲିସ ଜାଣିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ତାଙ୍କୁ ତାକୁ ଗିରଫ କରି ରଖିବା କଥା। ପୋଲିସ ଏବେ ଚାଲ୍ କରୁଛି। ଜନମତକୁ ବିଭ୍ରାନ୍ତ କରିବାକୁ ଏହା ଆଉ ଏକ ଚାଲ୍। ଏହି ଘୃଣ୍ୟ କାମରେ ବିଜେଡି କେବେ ବି ସଫଳ ହେବ ନାହିଁ।

➤ପୃଷ୍ଠା-୨

ଦୁର୍ବୃତ୍ତଙ୍କ ଉତ୍ପାତ

- ବ୍ୟବସାୟୀ, ଦୋକାନ ମାଲିକଙ୍କୁ ଆକ୍ରମଣ
- ୧୫ ଲକ୍ଷ ଲୁଟ୍, ପୋଲିସର ଖୋଳତାଡ଼

ଖଣ୍ଡପଡ଼ା/ବାଲେଶ୍ୱର,୨୧।୨(ନି.ପ୍ର.): ଦିନକୁ ଦିନ ଲୁଟେରାଙ୍କ ଉତ୍ପାତ ବଢିବାକୁ ଲାଗିଲାଣି। ଦିନ ଦ୍ୱିପ୍ରହରରେ ଆକ୍ରମଣ କରି ଲୁଟିବାକୁ ମଧ୍ୟ ପଛାଉ ନାହାଁନ୍ତି ଲୁଟେରା। ଲୁଟେରାଙ୍କ ଯୋଗୁଁ କେବଳ ଧନ ନୁହେଁ ଜୀବନ ହାନୀ ମଧ୍ୟ ଘଟୁଛି। ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣ କରି ଲୁଟ୍‌ରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଆଜି ଦୁଇଟି ସ୍ଥାନରେ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ୧୫ ଲକ୍ଷ ଲୁଟି ନେଇଥିବା ଖବର ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ନୟାଗଡ଼ ଜିଲ୍ଲା କଣ୍ଟିଲେ ଫାଣ୍ଡି ଅନ୍ତର୍ଗତ ବାଣପୁର ଘଣାଶାଳିଆ। ନିକଟରେ ଦୁଇ ଜଣ ଦୁର୍ବୃତ୍ତ ପଲସରରେ ଆସି ଆଜି ଦିନ ଦ୍ୱିପହରେ ଜଣେ ବ୍ୟବସାୟୀଙ୍କୁ ଅଟକାଇବା ସହିତ ବନ୍ଧୁକ ଦେଖାଇ ତାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ କଣ୍ଟିଲୋର ମାରୱାଡ଼ି ବ୍ୟବସାୟୀ ଗୋପାଳ ଅଗ୍ରୱାଲଙ୍କ ପୁଅ ଆଜି ବିଭିନ୍ନ ସ୍ଥାନରୁ ୧୦ ଲକ୍ଷ ଟଙ୍କା ଆଦାୟ କରି ବାଇକରେ କଣ୍ଟିଲୋ ଫେରୁଥିବା ବେଳେ ଘଣାଶାଳିଆ। ନିକଟରେ ପଲସରରେ ଆସି ତାଙ୍କୁ ଦୁଇଜଣ ଯୁବକ ଅଟକାଇଥିଲେ। ନିଛାଟିଆ। ସ୍ଥାନ ହୋଇଥିବାରୁ ଦୁର୍ବୃତ୍ତମାନେ ସଙ୍ଗେ ସଙ୍ଗେ ତାଙ୍କ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପାଖରେ ଥିବା ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇ ଯାଇଥିଲେ।

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନହରାଛକରେ ଥିବା ଔଷଧ ଦୋକାନରେ ଘଟିଛି ଏହି ଘଟଣା । ଔଷଧ ଦୋକାନ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ। ୫ ଲକ୍ଷ ଟଙ୍କା ସହ ବାଇକ, ସୁନା ଚେନ ଓ ମୁଦି ଲୁଟିନେଇଥିଲେ। ଲୁଟେରାଙ୍କ ଆକ୍ରମଣରେ ଦୋକାନ ମାଲିକ ପ୍ରଦୀପ ରଞ୍ଜନ ଦାସ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଗତକାଲି ରାତିରେ ଦୋକାନ ବନ୍ଦ କରୁଥିବା ବେଳେ ୪ରୁ ୫ ଜଣ ଦୁର୍ବୃତ୍ତ ପ୍ରଦୀପଙ୍କ ମୁଣ୍ଡକୁ ଶାବଳରେ ଆଘାତ କରିବା ସହ ଦୋକାନରୁ ଟଙ୍କା ଲୁଟିନେଇଥିଲେ । ଘଟଣାକୁ ନେଇ ତଦନ୍ତ କରୁଛି ପୋଲିସ ।

ନୀଳଚକ୍ରର ସ୍ଥିତି ଯାଞ୍ଚ

ପୁରୀ,୨୧।୨(ନି.ପ୍ର.): ଶ୍ରୀମନ୍ଦିରର ନୀଳଚକ୍ରର ସ୍ଥିତି ଯାଞ୍ଚ କରିଛନ୍ତି ୫ ଜଣିଆ କୋର କମିଟି। ଆଜି ଏହି ଦଳ ପୁରୀରେ ପହଞ୍ଚିଥିଲେ। ଏହି କମିଟି ୩ ଦିନିଆ ଗସ୍ତରେ ଆସିଛି। ଟିମ୍‌ର ଅଧକ୍ଷ ଆନନ୍ଦତ୍ରାଣ ଗୁପ୍ତାଙ୍କ ନେତୃତ୍ୱରେ ସଦସ୍ୟ ପଦ୍ମଲୋଚନା ମହାପାତ୍ର, ଧର୍ମ ପ୍ରସାଦ ମିଶ୍ର, ଅଚଳ ମିତ୍ର ଓ ଚିତ୍ତ ଦାସ ଅଛନ୍ତି।

ଦୀର୍ଘ ୫ ବର୍ଷ ପରେ ପୁରୀ ଶ୍ରୀମନ୍ଦିର ଆସିଥିବା ଏହି ଟିମ୍ ସ୍ଥାନୀୟ ପାନ୍ଥନିବାସରେ ଏକ ବୈଠକରେ ଆଲୋଚନା କରିଥିଲେ। ବୈଠକ ପରେ କମିଟି ଶ୍ରୀମନ୍ଦିର ଯାଇ ସ୍ଥିତି ପରଖିଛି। କୋର କମିଟି ସଦସ୍ୟମାନେ ଆଜି ଶ୍ରୀମନ୍ଦିର ପରିସରରେ ଜଗମୋହନ , ଦେହରଣ ଦ୍ୱାର, ନାଟମଣ୍ଡପ ଆଦି ଅନୁଧ୍ୟାନ କରିଛନ୍ତି। ସେହିପରି ଆସନ୍ତାକାଲି ନୀଳଚକ୍ରର ସ୍ଥିତି ଅନୁଧ୍ୟାନ କରିପାରନ୍ତି। ଏହାପରେ ଶେଷ ଦିନରେ କମିଟି ଭୁବନେଶ୍ୱରରେ ଏକ ବୈଠକ ଡକାଇ ଆଲୋଚନା କରିବେ। 'ନୀଳଚକ୍ର'ର ଅନୁଧ୍ୟାନ ପାଇଁ ୨୦୧୩ରେ ପୁରୀ ଆସିଥିଲା।

PMR DORA
Immitation Jewellery & Cosmetic
Wholesaler
Patara Street, Near Big Bazar,
Berhampur (Gm.) Odisha.
Cell : +91 8763345784, 9078303766
Email : dorapkanhucharana2013@gmail.com